# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# କୂପ ନିକଟରେ ଏକ ସ୍ତ୍ରୀ

ଲେଖକ: Edward Hughes
ଦୃଷ୍ଟାନ୍ତ: Lazarus
ଉପଯୋଜକ: Ruth Klassen
ଅନୁବାଦକ: Prasanta Bhuyan
Alastair Paterson
ପ୍ରୟୋଯୋକ: Bible for Children
www.M1914.org

BFC
PO Box 3
Winnipeg, MB R3C 2G1
Canada

©2020 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଯୀଶୁ ତାଙ୍କ ଶିଶ୍ୟମାନଙ୍କ ସହିତ ସମରିଆ ମଧ୍ୟଦେଇ ଯାତ୍ରା କରୁଥିଲେ । ସେମାନେ ଏକ ସୁଖାର ନାମକ ନଗରରେ ପହଞ୍ଚିଲେ ।



ସେଠାରେ ଏକ କୂପ ଥିଲା, ଯେଉଁଠାରୁ ସୁଖାର ନଗରର ଲୋକମାନେ ପିଇବାପାଣି ଆଣୁଥିଲେ । ଯାକୁବ, ଇସ୍ରାଏଲ୍ ମାନଙ୍କର ପିତୃପୁରୁଷ ବହୁ ପୂର୍ବରେ ସେଠାରେ ସେହି କୂପକୁ ଖନନ କରିଥିଲେ ।



ଦ୍ୱିପହର ସମୟରେ ହୋଇପାରେ ଦିନରେ ସୂର୍ଯ୍ୟ ଓ ଗରମ ଥିଲା । ଯୀଶୁ ପଥଶ୍ରାନ୍ତ ହୋଇଥିବାରୁ ସେହି କୂପ ନିକଟରେ ବସିପଡ଼ିଲେ ଯେତେବେଳେ ତାଙ୍କ ଶିଶ୍ୟମାନେ ସୁଖାର ନଗରକୁ ଖାଦ୍ୟ କ୍ରୟ କରିବାକୁ ଗଲେ ।





ଯୀଶୁ ସେଠାରେ ଏକାକୀ ଥିଲେ, କିନ୍ତୁ ଅଧିକ ସମୟ ନୁହେଁ । ଏକ ସ୍ତ୍ରୀ ଯେ ସୁଖାର ନଗରରେ ବାସ କରୁଥିଲା ପାଣି କାଢ଼ିବା ନିମନ୍ତେ ଆସିଲା । ଯୀଶୁ ତାହାଙ୍କୁ କହିଲେ, ମୋତେ ପିଇବାକୁ ଦିଅ ।



ସେହି ସ୍ତ୍ରୀ ଆଶ୍ଚର୍ଯ୍ୟ ହୋଇଗଲା । ସେ କହିଲା ଆପଣ ଜଣେ ଯିହୁଦୀ ହୋଇ କିପରି ମୋ ହାତରୁ ପିଇବାକୁ ମାଗୁଛନ୍ତି ମୁଁ ଯେ ଶମିରୋଣୀୟ, କାରଣ ସେହି ସମୟରେ ଶମିରୋଣୀୟ ମାନଙ୍କ ସହିତ ଯିହୁଦୀ ମାନଙ୍କର ବ୍ୟବହାର ନଥିଲା ।

ସେ ହୋଇପାରେ ଅତ୍ୟଧିକ ଆଚମ୍ବିତ
ହୋଇଗଲା ଯେତେବେଳେ ଯୀଶୁ
ତାହାକୁ କହିଲେ, ଯଦି ତୁମେ
ଜାଣିଥାନ୍ତ ମୁଁ କିଏ ? ତେବେ ତୁମେ
ଜୀବନ୍ତ ଜଳ ମାଗିଥାନ୍ତ ।





ସେହି ସ୍ତ୍ରୀ ଯୀଶୁଙ୍କୁ କହିଲେ,
ମହାଶୟ, ଜଳ କାଢ଼ିବା ନିମନ୍ତେ
ଆପଣଙ୍କ ନିକଟରେ କିଛି ପାତ୍ର ନାହିଁ,
ପୁଣି କୂପ ତ ଗଭିର, ତେବେ ଆପଣ ଏହି
ଜୀବନ୍ତ ଜଳ କେଉଁଠୁ ଆଣିବେ? ଆପଣ କି
ଆମ୍ଭମାନଙ୍କର ପିତୃପୁରୁଷ ଯାକୁବଙ୍କଠାରୁ ମହାନ
ଅଟନ୍ତି । ଯେ କି ଆମକୁ ଏହି କୂପ ଦାନ କଲେ?



ଯୀଶୁ ତାହାଙ୍କୁ କହିଲେ, ଯେ କେହି ଏହି ଜଳ ପାନ କରେ, ସେ ପୁନର୍ବାର ତୃଷିତ ହେବ । କିନ୍ତୁ ଯେକେହି ଏହିଜଳ ପାନକରିବ ଯେଉଁ ଜଳ ମୁଁ ଦେବି, ସେ କେବେହେଁ ତୃଷାର୍ତ୍ତ ହେବନାହିଁ । ବରଂ ତାହା ଅନନ୍ତ ଜୀବନଦାୟକ ଜଳର ନିର୍ଝର ସ୍ୱରୁପେ ତାହାଠାରେ ଉଛୁଳି ଉଠୁଥିବ । ସେହି ସ୍ତ୍ରୀ କହିଲା, ମହାଶୟ ମୋତେ ସେହି ଜଳ ଦିଅନ୍ତୁ ।

ଯୀଶୁ ସେହି ସ୍ତ୍ରୀଙ୍କୁ କହିଲେ, ଯାଅ ତୁମ୍ଭ ସ୍ୱାମୀକି ଡ଼ାକି ଏଠାକୁ ଆସ । ମୋର ସ୍ୱାମୀ ନାହିଁ, ସେହି ସ୍ତ୍ରୀ ଉତ୍ତର ଦେଲା । ତୁମ୍ଭର ପାଞ୍ଚ ସ୍ୱାମୀ ଥିଲେ, ଯୀଶୁ ତାହାଙ୍କୁ କହିଲେ । ଆଉ ବର୍ତ୍ତମାନ୍ ଯେ ଅଛି ସେ ତୁମ୍ଭର ସ୍ୱାମୀ ନୁହେଁ ।



ଯୀଶୁ ଭାବବାଦୀ ଏହା ସେହି ସ୍ତ୍ରୀ ଜାଣିପାରିଲା, ସେ ତାଙ୍କ ସହିତ ଉପାସନା କରିବା ସ୍ଥାନ ଯିରୂଶାଲମରେ କିମ୍ବା ଶମରିୟାର ଏହି ପବିତ୍ର ପର୍ବତରେ କରିବା ଆବଶ୍ୟକ ବୋଲି ତର୍କକରି କହିବାକୁ ଲାଗିଲା । ଯୀଶୁ ତାକୁ କହିଲେ ସତ୍ୟ ଉପାସକମାନେ ଆତ୍ମାରେ ଓ ସତ୍ୟରେ ପିତାଙ୍କର ଉପାସନା କରିବେ ।



ମସିହ ଆସୁଅଛନ୍ତି ବୋଲି ମୁଁ ଜାଣେ, ସେହି ସ୍ତ୍ରୀ ଯୀଶୁଙ୍କୁ କହିଲେ । ଯେତେବେଳେ ସେ ଆସିବେ ସେ ଆମ୍ଭମାନଙ୍କୁ ସମସ୍ତ ବିଷୟ ଦଣାଇବେ । ଯୀଶୁ ତାଙ୍କୁ କହିଲେ ମୁଁ ସେହି ଅଟେ । ଏପରି ସମୟରେ ତାହାଙ୍କର ଶିଶ୍ୟମାନେ ଫେରିଆସିଲେ । ସେହି ସ୍ତ୍ରୀ ଲୋକଟି ତାହାର ମୁଲ୍ୟବାନ୍ ପାଣି ମାଠିଆ ସେହି କୂପ ନିକଟରେ ଛାଡ଼ି ନଗରକୁ ଫେରିଗଲା ।





ସେ ନଗରକୁ ଯାଇ ସୁଖାର
ନଗରର ଲୋକମାନଙ୍କୁ
କହିଲା, ଆସ, ଜଣକୁ
ଦେଖିବ, ମୁଁ ଯାହା ଯାହା
କରିଆଛି, ସେହିସବୁ ସେ
ମୋତେ କହିଲେ । ସେ
କେଜାଣି ଖ୍ରୀଷ୍ଟ ହେବେ
ପରା. ସେସେଥିରେଲେ
ଲୋକମାନେ ନଗର ଛାଡ଼ି
ନିଜେ ଯୀଶୁଙ୍କୁ ଦେଖିବାକୁ
ଗଲେ ।

ଇତିମଧ୍ୟରେ ଶିଷ୍ୟମାନେ ଯୀଶୁଙ୍କୁ କିଛି ଖାଇବାକୁ ଅନୁରୋଧ କଲେ । କିନ୍ତୁ ଯୀଶୁ କହିଲେ, ମୋହର ଖାଦ୍ୟ ହେଉଛି ପିତାଙ୍କର ଇଛା ସାଧନ କରିବା ଯେ ମୋତେ ପ୍ରେରଣ କଲେ । ଅନ୍ୟମାନଙ୍କୁ ପିତାଙ୍କ ନିକଟକୁ ଆଣିବା ତାଙ୍କର କାର୍ଯ୍ୟ ଥିଲା ।



ସେହି ଶମିରୋଣିୟ ସ୍ତ୍ରୀଙ୍କ କଥା ଅନୁଷାରେ ଅନେକ ଲୋକମାନେ ତାଙ୍କ ଉପରେ ବିଶ୍ଵାସ କଲେ । ସେମାନେ ଯୀଶୁଙ୍କୁ ସେମାନଙ୍କ ସହିତ ରହିବାକୁ ଅନୁରୋଧ କଲେ, ତେଣୁ ସେ ସେଠାରେ ଦୁଇଦିନ



ରହିଲେ । ଯୀଶୁଙ୍କ କଥା ଶୁଣି ଅନେକେ ବିଶ୍ଵାସ କଲେ । ସେମାନେ କହିଲେ ଆମ୍ଭେମାନେ ନିଜେ ଶୁଣିଅଛୁ ଓ ଜାଣୁ ଯେ ସେ ନିଷ୍ଚିତ ଭାବରେ ଜଗତର ଉଦ୍ଧାରକର୍ତ୍ତା ଖ୍ରୀଷ୍ଟ ଅଟନ୍ତି ।

କୂପ ନିକଟରେ ଏକ ସ୍ତ୍ରୀ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ଯୋହନ ୪

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ
କଥୋପକଥନ ହୁଅନ୍ତୁ । ଯୋହନ ୩:୧୬